ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/108/22-04-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୨ ଅପ୍ରେଲ, ୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଫୋନ ଯୋଗେ ଆଜି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଛନ୍ତି ଏବଂ ଦେଶରେ କୋଭିଡ୍-୧୯ ସ୍ଥିତି ନେଇ ଆଲୋଚନା କରିଛନ୍ତି । ଏହା ଏକ ଯୁଦ୍ଧ ଭଳି ପରିସ୍ଥିତି ଏବଂ ଏହି ଜରୁରୀକାଳୀନ ପରିସ୍ଥିତିରେ ଅନ୍ୟ ରାଜ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଅମ୍ଳଯାନ ଉତ୍ପାଦନ ବୃଦ୍ଧି ସହ ଓଡ଼ିଶା ଜାତୀୟ ସ୍ତରରେ ସମସ୍ତ ସହାୟତା ଯୋଗାଇଦେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍-୧୯ ସଂକ୍ରମଣର ପ୍ରତିରୋଧ ପାଇଁ ସପ୍ତାହାନ୍ତ ସଟ୍‌ଡାଉନ୍ କଡ଼ାକଡ଼ି ମାନିବା ଅତ୍ୟନ୍ତ ଜରୁରୀ । 'ନିହାତି ଜରୁରୀ ନଥିଲେ ଘରୁ ନ ବାହାରିବା ସହ ନିୟମିତ ମାସ୍କ ପରିଧାନ କରନ୍ତୁ ଏବଂ ଗହଳି ସ୍ଥାନରୁ ନିଜକୁ ଦୂରେଇ ରଖନ୍ତୁ । ଆମେ ସଚେତନ ହେଲେ ଲକ୍‌ଡାଉନ୍ ପରି ସ୍ଥିତିକୁ ସହଜରେ ଏଡ଼ାଇ ପାରିବା' ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଧରିତ୍ରୀ ଦିବସ ଅବସରରେ କହିଛନ୍ତି ଯେ ଧରିତ୍ରୀ ମାତା ଆମକୁ ଆମକୁ ଆବଶ୍ୟକ କରୁଥିବା ସବୁକିଛି ଦେଇଛି । ସ୍ୱଚ୍ଛ ଏବଂ ସବୁଜିମାମୟ ରହିବା ଦ୍ୱାରା ଏହା ଆମକୁ କୋଭିଡ୍-୧୯ ପରି ସଂକ୍ରମକ ରୋଗ ସହ ଅନ୍ୟ ରୋଗରୁ ସୁରକ୍ଷା ଦେବା ସହ ଆମ ଜୀବନକୁ ପରିପୁଷ୍ଟ କରିଥାଏ ବୋଲି ସେ କହିଛନ୍ତି । ସେ ଜନସାଧାରଣଙ୍କୁ ଆମର ପୃଥିବୀକୁ ମାନବଜାତିର ଉନ୍ନତ ଭବିଷ୍ୟତ ନିମନ୍ତେ ସୁସ୍ଥ ଏବଂ ସବୁଜ ରଖିବାକୁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ମହାରାଷ୍ଟ୍ରର ନାସିକ୍‌ଠାରେ ଅମ୍ଳଯାନ ଟାଙ୍କିରୁ ଲିକ୍ ଯୋଗୁ ଦୁଃଖଦ ଜୀବନହାନି ନେଇ ଦୁଃଖ ପ୍ରକାଶ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଚିକିତ୍ସିତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସିପିଆଇ(ଏମ୍)ର ସାଧାରଣ ସଂପାଦକ ଶ୍ରୀ ସୀତାରାମ ୟେଚୁରୀଙ୍କ ପୁତ୍ର ଆଶିଷ ୟେଚୁରୀ କୋଭିଡ୍-୧୯ରେ ମୃତ୍ୟୁବରଣ କରିଥିବାରୁ ଦୁଃଖ ପ୍ରକାଶ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି

ଦୁଃଖଦ ସମୟରେ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଏହି ଅପୂରଣୀୟ କ୍ଷତି ସହିବାକୁ ଶୋକସନ୍ତପ୍ତ ପରିବାରବର୍ଗ ସମର୍ଥ ହେବେ ବୋଲି ଆଶା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ତଥା ବଲାଙ୍ଗୀର ବିଧାୟକ ଶ୍ରୀ ନରସିଂହ ମିଶ୍ର କୋଭିଡ୍ ସଂକ୍ରମିତ ହୋଇଥିବା ଜାଣି ଚିନ୍ତା ବ୍ୟକ୍ତ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆତିଥ୍ୟ କ୍ଷେତ୍ରକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରେ ଲେମନ୍ ଟ୍ରି ପ୍ରିମିୟମ୍ ହୋଟେଲର ଉଦ୍‌ଘାଟନ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ପ୍ରମୁଖ ବ୍ରାଣ୍ଡକୁ ଓଡ଼ିଶାକୁ ସ୍ୱାଗତ କରି କହିଛନ୍ତି ଯେ ଏହା ନିବେଶକମାନଙ୍କର ଆସ୍ଥା ବୃଦ୍ଧି କରିବ ଏବଂ ରାଜ୍ୟରେ ଏପରି ଅନେକ ଉଦ୍ୟୋଗ ଖୋଲିବା ପାଇଁ ମାର୍ଗକୁ ପ୍ରଶସ୍ତ କରିବ ।
  - ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାର ସକ୍ରିୟ ଭାବେ ପର୍ଯ୍ୟଟନସମ୍ବଳିତ ଭିତ୍ତିଭୂମିର ଉନ୍ନତି ଏବଂ ସହାୟକ ବ୍ୟବସ୍ଥାଗୁଡ଼ିକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ପର୍ଯ୍ୟଟନର ବିଭିନ୍ନ କ୍ଷେତ୍ରରେ ଥିବା ବ୍ୟାପକ ସମ୍ଭାବନାକୁ ଉନ୍ମୁକ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଏକ ପ୍ରମୁଖ ପର୍ଯ୍ୟଟନ, ସମ୍ମେଳନ, ସାଂସ୍କୃତିକ ଏବଂ କ୍ରୀଡ଼ା ଲକ୍ଷ୍ୟସ୍ଥଳ ଭାବେ ଉଭା ହେଉଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜୟଦେବ ପୁରସ୍କାର ବିଜେତା ବିଶିଷ୍ଟ ଚଳଚ୍ଚିତ୍ର ସଂପାଦକ ରବି ଶଙ୍କର ପଟ୍ଟନାୟକଙ୍କ ଦେହାନ୍ତ ହୋଇଥିବା ଜାଣି ଦୁଃଖ ପ୍ରକାଶ କରିଛନ୍ତି । ନିଜର ସ୍ୱତନ୍ତ୍ର ସଂପାଦନା ଶୈଳୀ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ରରେ ଛାଡ଼ି ଯାଇଥିବା ଛାପ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

.

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯୭,୫୧,୯୩୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୮୮, ୪୭୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୫୧, ୩୮୬ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ୧୯୬୫ ଜଣ କୋଭିଡ୍‌-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩୫,୦୭୫ ରହିଛି ।
- ୩୫,୦୭୫ ଜଣ ହସ୍‌ପିଟାଲ୍‌ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'